# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st November - 2025**

**************************************

*Desk*

## ମୁଖ୍ୟମନ୍ତ୍ରୀ – ସେମିକଣ୍ଡକ୍ଟର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଇନ୍‌ଫୋ ଭ୍ୟାଲିଠାରେ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ଓ ଏ.ଟି.ଏମ୍.ପି. କେନ୍ଦ୍ର ନିର୍ମାଣର ଭୂମିପୂଜନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ । ଏହା ଭାରତ ସେମିକଣ୍ଡକ୍ଟର ମିଶନଦ୍ୱାରା ଅନୁମୋଦିତ ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ ପ୍ରକଳ୍ପ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହାଦ୍ୱାରା ୨ ହଜାର ୬୭ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସୂଚନା ମିଳିଛି ।

*Desk*

## ସୁଭଦ୍ରା ଯୋଜନା ଆବେଦନ

ସୁଭଦ୍ରା ପୋର୍ଟାଲ୍‌ରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ନୂତନ ପଞ୍ଜୀକରଣ ଲାଗି ଆଜିଠାରୁ ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଯୋଗ୍ୟ ମହିଳାମାନେ

ଯୋଜନାରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଏସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି :

***Voice** :………*

ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

***Desk***

# ସୁଭଦ୍ରା ଶକ୍ତିମେଳା

ଓଡ଼ିଶାର ମହିଳା ଉଦ୍ୟୋଗୀ ଓ ସାଂସ୍କୃତିକ ପରମ୍ପରା କାର୍ଯ୍ୟକ୍ରମ **ସୁଭଦ୍ରା ଶକ୍ତି ମେଳା** ଆଜିଠାରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଳାର ଉଦ୍‌ଘାଟନ କରିବେ । ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

***Desk***

# ନୂତନ ମେଡିକାଲ୍ କଲେଜ

ରାଜ୍ୟରେ ୬ଟି ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ପାଇଁ ୬୨ ନୂଆ ପି.ଜି. ସିଟ୍‌କୁ ଅନୁମତି ମିଳିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନୂତନ ସିଟ୍

ଅନୁମୋଦନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' କନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

***Desk***

## କଳିଙ୍ଗ ତରଙ୍ଗିଣୀ ଶୁଭାରମ୍ଭ

ଉନ୍ନୟନ କମିଶନର୍ ଅନୁ ଗର୍ଗ ଐତିହାସିକ ବାଲିଯାତ୍ରା, କଟକ-୨୦୨୫ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ଗଡ଼ଗଡ଼ିଆ ଘାଟରେ ନିର୍ମିତ ବୋଇତ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରିଛନ୍ତି । ଶ୍ରୀମତୀ ଗର୍ଗ ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବା ସହ ପଡ଼ିଆ ବୁଲି ଦେଖିଥିଲେ । ବାଲିଯାତ୍ରା କେବଳ ଏକ ମେଳା ନୁହେଁ; ବରଂ ଅତୀତ ଓ ବର୍ତ୍ତମାନ ସମ୍ପର୍କର ସେତୁ ବୋଲି ଏହି ଅବସରରେ ଶ୍ରୀମତୀ ଗର୍ଗ କହିଥିଲେ ।

***Puri/R***

## ଶ୍ରୀମନ୍ଦିର - ପଞ୍ଚକ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପଞ୍ଚକରେ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଏବଂ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ଚଳିତବର୍ଷ ପଞ୍ଚକ ୫ ଦିନ

ପରିବର୍ତ୍ତେ ୪ ଦିନ ପାଳନ କରାଯିବ । ଆସନ୍ତାକାଲିଠାରୁ ଶ୍ରୀମନ୍ଦିରରେ ପଞ୍ଚକ ନୀତି ଆରମ୍ଭ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ଧବଳେଶ୍ୱର ପ୍ରସ୍ତୁତି

କଟକ ବାବା ଧବଳେଶ୍ୱରଙ୍କ ପୀଠରେ ଆଜିଠାରୁ ପଞ୍ଚକ ନୀତି ପାଳନ କରାଯାଉଛି । ଭିଡ଼କୁ ଦୃଷ୍ଟିରେ ରଖି ୧୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ତିନୋଟି ସ୍ଥାନରେ ଗାଡ଼ି ପାର୍କିଂର ବ୍ୟବସ୍ଥା କରାଯାଇଥିବାବେଳେ ୧୪ଟି ସ୍ଥାନରେ ଟ୍ରାଫିକ୍ ପୋଷ୍ଟ କରାଯାଇଛି ବୋଲି ଗ୍ରାମାଞ୍ଚଳ ଏସ୍.ପି. କହିଛନ୍ତି ।

***Desk***

# ଜନଜାତି ଗୌରବ ପକ୍ଷ

ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆଜିଠାରୁ ଜନଜାତୀୟ ଗୌରବ ପକ୍ଷ ପାଳନ କରାଯାଉଛି । ଏହି ଅବସରରେ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସମୃଦ୍ଧ ଜନଜାତୀୟ ଐତିହ୍ୟ, ସଂସ୍କୃତି ଏବଂ ଉପଲବ୍ଧିକୁ ପ୍ରଦର୍ଶନ କରାଯାଉଥିବା କେନ୍ଦ୍ର ଆଦିବାସୀ ବ୍ୟାପାର

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଦେଶବ୍ୟାପୀ ଆସନ୍ତା ୧୫ ତାରିଖରେ ଜନଜାତୀୟ ଗୌରବ ଦିବସ ପାଳନ କରାଯିବ ।

***Ganjam/R***

## ତମାଖୁ ସେବନ ନିୟନ୍ତ୍ରଣ

ଗଞ୍ଜାମ ଜିଲ୍ଲାର ସରକାରୀ କାର୍ଯ୍ୟାଳୟରେ ତମାଖୁ ସେବନ କଲେ ଜରିମାନା ଦେବାକୁ ପଡ଼ିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି । ଏହା ଆଜିଠାରୁ ଲାଗୁ ହୋଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ତମାଖୁ ସେବନର କୁପ୍ରଭାବ ଉପରେ ଆଲୋଚନା ହୋଇଥିଲା । ଏହାର କୁପରିଣାମ ଉପରେ ସଚେତନ କରିବାପାଇଁ ପ୍ରଚାର ଓ ପ୍ରସାରକୁ ବ୍ୟାପକ କରି ତମାଖୁମୁକ୍ତ ଗ୍ରାମ ଗଠନପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

***Bhadrak/R***

## ଭିନ୍ନକ୍ଷମ ସଚେତନତା

ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଚରମ୍ପା ପୁନର୍ବାସ ସେବା ଅନୁସନ୍ଧାନ କେନ୍ଦ୍ର ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲୀପ

ରାଉତରାୟ ପ୍ରମୁଖ ଯୋଗଦେଇ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକେଲ ଓ ବିଭିନ୍ନ ଉପକରଣ ଦିବ୍ୟାଙ୍ଗମାନଙ୍କୁ ବଣ୍ଟନ କରିଥିଲେ ।

***Ganjam/R***

## ମାଛମରା ନିଷିଦ୍ଧାଞ୍ଚଳ

ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଣ ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ଆଜିଠାରୁ ଆସନ୍ତାବର୍ଷ ମଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ମାଛମରାକୁ ନିଷିଦ୍ଧ ଘୋଷଣା କରାଯାଇଛି । ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ ସହ ପ୍ରଜନନ ଓ ଗଣଅଣ୍ଡାଦାନକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ୧୧ଟି ସ୍ଥାନରେ ଶିବିର କରାଯାଇଛି ।

***Nabarangpur/R***

## ସୁରଭି

ନବରଙ୍ଗପୁର ଜିଲ୍ଲାର ଝରିଗାଁ, ତେନ୍ତୁଳିଖୁଣ୍ଟି ଓ ଡାବୁଗାଁ ବ୍ଲକ୍‌ରେ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

*****